# COVID-19 ସଂକ୍ରମଣ ପରିପ୍ରେକ୍ଷୀରେ କୃଷକ ମାନଙ୍କ ପାଇଁ କୃଷି ଉପଦେଶନାମା

## ୧. ସ୍ୱାସ୍ଥ୍ୟ ରକ୍ଷା ଯତ୍ନ

- ସବୁ ପ୍ରକାର କୃଷି କାର୍ଯ୍ୟ ସମ୍ପାଦନ ସମୟରେ ୧ରୁ ୨ ମିଟର ସାମାଜିକ ଦୂରତ୍ୱ ବଜାୟ ରଖିବା ଅନିର୍ବାର୍ଯ୍ୟ
- କୃଷି କାର୍ଯ୍ୟ ସମୟରେ ମୁହଁରେ ମାସ୍କ ବ୍ୟବହାର କରନ୍ତୁ । ଓଢଣୀ , ଗାମୁଛା , ଟାୱେଲ ଓ ଅନ୍ୟ କୌଣସି କପଡାରେ ନାକ ଓ ମୁହଁକୁ ଘୋଡାଇ ଦିଅନ୍ତୁ । ମାସ୍କ କୁ ଥରେ ବ୍ୟବହାର ପରେ ସାବୁନରେ ଧୋଇ ପୁଣି ବ୍ୟବହାର କରିପାରିବେ ।
- କୃଷି ଯନ୍ତ୍ରପାତି ଗୁଡିକ ବ୍ୟବହାର ପୂର୍ବରୁ ଓ ପରେ ୩ ପ୍ରତିଶତ ବ୍ଲିଚିଙ୍ଗ ପାଉଡର ଦ୍ରବଣରେ ବିଶୋଧନ କରନ୍ତୁ ।
- କୃଷି ଯନ୍ତ୍ରପାତି ଗୁଡିକ ବ୍ୟବହାର ପରେ ଟାଣ ଖରାରେ ରଖିଲେ ଜୀବାଣୁ ମୁକ୍ତ ହୋଇପାରିବ ।
- ହାତକୁ ଭଲ ଭାବେ ସାବୁନରେ ଧୁଅନ୍ତୁ ଓ ଆଙ୍ଗୁଳିରେ ନାକ ଓ ମୁହଁକୁ ସ୍ପର୍ଶ କରନ୍ତୁ ନାହିଁ ।
- ବାହାରୁ ଘରକୁ ଫେରିଲା ବେଳେ, ପିନ୍ଧିଥିବା ପୋଷାକ ପତ୍ର ଘର ବାହାରେ ରଖିବା ଉଚିତ । ହାତ ସାବୁନ କିମ୍ବା ବିଶୋଧକରେ ନଧୋଇ ଘରେ ଅନ୍ୟାନ୍ୟ ଜିନିଷ ସ୍ପର୍ଶ କରିବା ଅନୁଚିତ ।
- ମୋବାଇଲ ଫୋନରେ "ଆରୋଗ୍ୟ ସେତୁ" ଡାଉନଲୋଡ କରନ୍ତୁ , ଯଦ୍ଵାରା ଆପଣ କରୋନା ସମ୍ପର୍କିତ ବିଭିନ୍ନ ସୂଚନା ମାଗଣାରେ ପାଇ ପାରିବେ ।
- କାମ ବ୍ୟତୀତ ବାହାରେ ବୁଲାନ୍ତୁ ନାହିଁ । ଘର ଭିତରେ ରହିବା ନିରାପଦ।
- ସମସ୍ତେ ନିଜ ନିଜ ଖାଦ୍ୟ ଓ ଜଳ ଅଲଗା ଆଣିବା ଆବଶ୍ୟକ । ଖାଇବା ସମୟରେ ଦୂର ଦୂରରେ ବସନ୍ତୁ ଓ ଖାଦ୍ୟ ମିଶିକରି ଖାଆନ୍ତୁ ନାହିଁ ।
- ବିଲରେ କାମ କରିବା ସମୟରେ ଚାଷୀ ଭାଇ/ ଭଉଣୀ ମାନେ ମୁଣ୍ଡରେ ଟୋପି କିମ୍ବା ଗାମୁଛା ବାନ୍ଧିଲେ , ଅଂଶୁଘାତ ଜନିତ ଦୁର୍ଘଟଣାରୁ ନିଶ୍ଚିତ ରୂପେ ରକ୍ଷା ପାଇବେ ।

## ୨. ଜଳ ପରିଚାଳନା ସମ୍ବନ୍ଧୀୟ ଉପଦେଶନାମା

- ଖରାଦିନିଆ ହଳ କରନ୍ତୁ, ଜମି ସମତଳିକରଣ କରନ୍ତୁ ଓ ଜମିର ଚାରିପଟେ ହିଡ ବା ହୁଡା ଦିଅନ୍ତୁ ।
- ବର୍ଜ୍ୟ ଜଳକୁ ଫସଲରେ ଜଳ ସେଚନ ପାଇଁ ବ୍ୟବହାର କରନ୍ତୁ ନାହିଁ । ଏହାକୁ ବିଶୋଧନ କରିବା ପାଇଁ ୪-୫ ଗ୍ରାମ ବ୍ଲିଚିଂ ପାଉଡର ପ୍ରତି ୧୦୦୦ ଲିଟର ପାଣି ହିସାବରେ ଜଳରେ ପ୍ରୟୋଗ କରନ୍ତୁ ଓ ଏହାକୁ ୪୮ ଘଣ୍ଟା ପର୍ଯ୍ୟନ୍ତ ରହିବାକୁ ଦିଅନ୍ତୁ । ତାପରେ ତାକୁ ଜଳ ସେଚନ ପାଇଁ ବ୍ୟବହାର କରନ୍ତୁ ।
- ବର୍ଷାଜଳ ସଂରକ୍ଷଣ ପାଇଁ କୃଷକ ଭାଇ ଜମିର ବନ୍ଧ ବାଡକୁ ମରାମତି କରନ୍ତୁ । ନୂଆ ପୋଖରୀ ଖୋଳନ୍ତୁ ଏବଂ ପୁରୁଣା ପୋଖରୀର ପଙ୍କ ଉଦ୍ଧାର କରିବା ସହିତ ଲାଇନିଙ୍ଗ କରନ୍ତୁ ।

- ପୋଖରୀ ହୁଡାକୁ ମରାମତି କରନ୍ତୁ ଓ ତାକୁ ସଫା ରଖନ୍ତୁ । ହୁଡାରେ ଲଗାଯାଇଥିବା ଉଦ୍ୟାନ ଫସଲକୁ ଜୈବିକ ଖତ/ସାର ପ୍ରୟୋଗ କରନ୍ତୁ । କେନାଲର ବନ୍ଧ ମରାମତି କରନ୍ତୁ । କେନାଲରୁ ପୋଖରୀକୁ ବିନା ଅପଚୟରେ ପାଣି ଆସିବା ପାଇଁ ଜଳସେଚନ ନାଳକୁ ମରାମତି କରନ୍ତୁ ।
- ସବୁ ପ୍ରକାର କୂଅକୁ ସଫା ସୁତରା କରି ତାର ପଙ୍କ ଉଦ୍ଧାର କରନ୍ତୁ । ଯାହା ଦ୍ଵାରା ଅଧିକ ଜଳ ଅମଳ ହୋଇ ପାରିବ ଓ ଜଳର ଗୁଣବତ୍ତା ବୃଦ୍ଧି ପାଇପାରିବ ।

## (କ) କ୍ଷେତ୍ର କୃଷି/ କ୍ଷେତ୍ର ଫସଲ

- ଆଖୁ ଚାଷରେ ଆଖୁ ଛେଦା କିମ୍ବା ଅନ୍ୟାନ୍ୟ ଶୁଖିଲା ଜୈବିକ ପଦାର୍ଥ ଦ୍ଵାରା ମଲଚିଙ୍ଗ (ଦୁଇ ଧାଡି ଫସଲ ମଧ୍ୟରେ ଥିବା ମାଟିକୁ ଯୋଡାଇବା) କରନ୍ତୁ । ଗୋଟେ ଗୋଟେ ସିଆର ଛାଡି , ସିଆର ପ୍ରଣାଳୀରେ ଜଳ ସେଚନ କରନ୍ତୁ ।
- ଉଈ ଦାଉରୁ ଫସଲକୁ ରକ୍ଷା କରିବା ପାଇଁ ଇମିଡାକ୍ଲୋପିଡ , କ୍ଲୋରୋପାଇରିଫସ ଏବଂ ଫିପ୍ରୋନିଲ ଆଦି କୀଟନାଶକ ପ୍ରୟୋଗ କରନ୍ତୁ ।
- ଦାନା ଧରିବା ପରେ, ଧାନ ଜମିରୁ ଅତ୍ୟଧିକ ଜଳ ନିଷ୍କାସନ କରି ଦିଅନ୍ତୁ ।
- ସବୁଜ ସାର ପାଇଁ, ମେ ମାସ ଶେଷ ସପ୍ତାହରେ ଗୋବର ଖତ କିମ୍ବା କମ୍ପୋଷ୍ଟ ଖତ ଜମିରେ ପ୍ରୋୟୋଗ କରି ସାରିବା ପରେ, ଜମିରେ ଧଣିଚା ମଞ୍ଜି ବୁଣନ୍ତୁ।

## (ଖ) ପନିପରିବା ଓ ଫଳ ଚାଷ

କ) ପୋଟଳ ଫସଲ ରେ ହେକ୍ଟର ପିଛା ୫ –୧୦ ଟନ ଧାନନଡା ଦ୍ଵାରା ମଲଚିଙ୍ଗ କରନ୍ତୁ ଏବିଂ କବକ ଶୁଖା ରୋଗ(fungal wilt) ଦମନ ପାଇଁ ୧.୫ ମିଲିମିଟର କାରବେଣ୍ଡାଜିମ କୀଟ ନାଶକକୁ ୧ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ ।

ଖ) ଖରାଦିନିଆ ପନିପରିବା ଯଥା ତରଭୁଜ, କାକୁଡି, ଭେଣ୍ଡି, କଲରା ପ୍ରଭୃତି ଫସଲକୁ ଜଳ ଅମଳକାରୀ ପ୍ରକଳ୍ପ, ଚେକ ଡ୍ୟାମ, କିମ୍ବା ରବର ଡ୍ୟାମରୁ ଜୀବନ ରକ୍ଷାକାରୀ / ଅତିରିକ୍ତ ଜଳ ସେଚନ ପ୍ରଦାନ କରନ୍ତୁ ।

ଗ) ବାଇଗଣ ଫସଲ ରେ ଫଳ ଓ କାଣ୍ଡବିନ୍ଧା ପୋକ ଦମନ ପାଇଁ କାରଟାପ ହାଇ ଡ୍ରୋକ୍ଲୋରାଇଡ ( Cartap hydrochloride) ହେକ୍ଟର ପିଛା ୨୫ କିଲୋ ହିସାବରେ ଜମିରେ ପ୍ରୟୋଗ କରନ୍ତୁ ।

ଘ) ଝୁଡଙ୍ଗ ରେ ପାଉଁସିଆ ରୋଗ ( Rust disease) ର ନିୟନ୍ତ୍ରଣ ପାଇଁଏକ ଲିଟର ପାଣି ରେ ୨ ଗ୍ରାମ କ୍ଲୋରୋମିଥାନଲ (Chloromenthanol) କିମ୍ବା ୨ ଗ୍ରାମ ଅକ୍ସି କାର୍ବକସିନ(Oxycarboxin) ପ୍ରୟୋଗ କରନ୍ତୁ ।

ଙ) ଚେରର ଗଣ୍ଠି ସଂକ୍ରମିତ(Root knot infected) ପିଜୁଳି ଗଛ ପାଇଁ ମୂଳ ଚାରି ପାଖ ରେ ମଳା କରି ଟ୍ରାଇକୋଡର୍ମା ହାରଜିଅନମ କିମ୍ବା ଟ୍ରାଇ କୋଡର୍ମା ଭିରିଡି, ଗଛ ପିଛା ୨୫ – ୩୦ ଗ୍ରାମ, ନିମ୍ବ ପିଡିଆ ଗଛ ପିଛା ୨୫୦ – ୫୦୦ ଗ୍ରାମ କିମ୍ବା କାର୍ବଫୁରାନ ଗଛ ପିଛା ୫୦ ଗ୍ରାମ ପ୍ରୟୋଗ କରନ୍ତୁ ।

ଚ) ନଡିଆ ଗଛ ମୂଳରେ ଜଳ ସଞ୍ଚୟ ପାଇଁ ଗଛ ମୂଳ ଚାରିପାଖରେ ୧.୮ ମିଟର ବ୍ୟାସାର୍ଦ୍ଧରେ ନଡିଆ ପତ୍ର (୧୫ ଗୋଟା) କିମ୍ବା ଅନ୍ୟାନ୍ୟ ଜୈବିକ ପଦାର୍ଥ ଦ୍ଵାରା ମୋଟା ଆସ୍ତରଣ କିମ୍ବା ମଲଚ ବିଛାଇ ଦିଅନ୍ତୁ ।

ଛ) ଚାଷୀମାନେ ଖରାଦିନିଆ ପନିପରିବାକୁ ଅଳ୍ପ ଅଳ୍ପ କରି ତୋଳନ୍ତୁ, ଯାହା ଦ୍ଵାରା ପନିପରିବା ଦର ମଧ୍ଯ ଠିକ ମିଳିବ ଓ ସେଗୁଡିକୁ ଅବିକ୍ରି ନଷ୍ଟରୁ ରକ୍ଷା କରି ହେବ ।

ଜ) ସହରର ବର୍ଜ୍ୟଜଳ ଦ୍ଵାରା ପନିପରିବାରେ ଜଳସେଚନ କରିବା ଅନୁଚିତ୍ ଏବଂ ପନିପରିବା ଗୁଡିକୁ ବର୍ଜ୍ୟଜଳରେ ସଫା ସୁତୁରା କରିବା କିମ୍ବା ଧୋଇବା ଅନୁଚିତ୍ ।

## ୩. ମାଛ ଚାଷୀମାନଙ୍କ ପାଇଁ କୃଷି ଉପଦେଶନାମା

- ବଜାର ବନ୍ଦ ଯୋଗୁଁ ମାଛ ଖାଦ୍ୟ ଉପଲବ୍ଧ ନ ହେଲେ , ଚାଷୀ ଭାଇ ଧାନ ଚଷୁ ଓ ବାଦାମ ପିଡିଆକୁ ମାଛ ଖାଦ୍ୟ ରୂପେ ବ୍ୟବହାର କରନ୍ତୁ ।
- ଯଦି ବାହାର ଖାଦ୍ୟ ପୋଖରୀରେ ପକାଇ ପାରୁନାହାନ୍ତି , ତେବେ ୧୫ ଦିନକୁ ଥରେ ଲେଖାଏ କଞ୍ଚା ଗୋବର ଓ ଚୂନ ପକାଇବା ଦ୍ଵାରା ପୋଖରୀରେ ମାଛ ଖାଦ୍ୟ ପ୍ଲାଙ୍କଟନ ସୃଷ୍ଟି ହୁଏ ଓ ମାଛ ଉତ୍ପାଦନ ବୃଦ୍ଧି ହୁଏ ।
- ପୋଖରୀରେ ଜଳ ଗୁଣବତା ଠିକ ରଖିବା ପାଇଁ ଅଧିକ ଜାଆଁଳ ଛାଡନ୍ତୁ ନାହିଁ ଏବଂ ଅଧିକ ଖାଦ୍ୟ ଦିଅନ୍ତୁ ନାହିଁ । ଅଧିକ ସାର କିମ୍ବା ଅଧିକ ଔଷଧ ମଧ୍ଯ ପ୍ରୟୋଗ କରନ୍ତୁ ନାହିଁ । ଏହା ଦ୍ଵାରା ମାଛ ଉତ୍ପାଦନ ବୃଦ୍ଧି ପାଇବ ।
- ମାଛ ଚାଷୀ ମାନେ ଏକାବେଳେ ସବୁ ମାଛ ନ ଧରି ନିଜ ଅଞ୍ଚଳରେ ବଜାର ଚାହିଦା ହିସାବରେ କମ କମ ଧରି ବଜାରକୁ ଛାଡିଲେ, ଅଧିକ ଅର୍ଥ ରୋଜଗାର କରିପାରିବେ ।
- ଅମଳକୁ ଘୁଞ୍ଚାଇବା ପାଇଁ କମ ମାଛ ଖାଦ୍ୟ ପୋଖରୀରେ ପକାନ୍ତୁ । ନିଜ ଅଞ୍ଚଳରେ ମିଳୁ ଥିବା ଧାନ ଚଷୁ , ବାଦାମ ପିଡିଆ ଓ ସୋରିଷ ପିଡିଆକୁ ବ୍ୟବହାର କରି ଚାଷୀଭାଇ ନିଜେ ମାଛ ଖାଦ୍ୟ ପ୍ରସ୍ତୁତ କରି ପାରିବେ ।
- ପୋଖରୀରେ ପାଣି ପରିବର୍ତ୍ତନ କରନ୍ତୁ ନାହିଁ । ଉପରୁ ପାଣି ପକାଇବାର ବ୍ୟବସ୍ଥା କରନ୍ତୁ । ଅମ୍ଳଜାନ ଯୋଗାଣ ପାଇଁ ଏଇରେଟର ଯନ୍ତ୍ର ବ୍ୟବହାର କରନ୍ତୁ । ନିଶ୍ଚିତ ରୂପେ ଖର୍ଚ୍ଚ କମ ହେବ ।

## ୪. ପଶୁଧନ ନିମିତ୍ତ ଜଳ ପରିଚାଳନା ଉପଦେଶନାମା

କ) ଚାଷୀ ଭାଇ ସେମାନଙ୍କ ପଶୁଧନକୁ ଶୁଖିଲା ଖାଦ୍ୟ (ନଡା ଓ ଭୂଷା) କାଟି କରି ଓ ପାଣିରେ ବତୁରାଇ ଖାଇବାକୁ ଦିଅନ୍ତୁ। ଖରାଦିନେ ପଶୁ ମାନଙ୍କୁ ପ୍ରଚୁର ପାଣି ପିଇବାକୁ ଦିଅନ୍ତୁ ।

ଖ) ଯେଉଁମାନେ ପଶୁ ମାନଙ୍କର ଯତ୍ନ ନେଉଛନ୍ତି, ସେମାନେ ସମସ୍ତେ ନିଜର ହାତକୁ ଭଲ ଭା ବେ ସାବୁନ କିମ୍ବା ଜୀବାଣୁନାଶକରେ ଧୁଅନ୍ତୁ ଓ ମୁହଁରେ ମାସ୍କ ବ୍ୟବହାର କରନ୍ତୁ ।

ଗ) ଗୋପାଳ ମାନେ କ୍ଷୀରରୁ ଅଧିକ ଦିନ ରହିପାରୁଥିବା ପଦାର୍ଥ ଯଥା ଘିଅ ଓ ଖୁଆ ପ୍ରସ୍ତୁତ କରନ୍ତୁ ।

ଘ) ବନ୍ଦ ର ପ୍ରଭାବରେ ଗୋଷ୍ଠୀ ଗୋଚାରଣ ବନ୍ଦ ଥିବାରୁ ଗୋପାଳକ ମାନେ ନିଜ ଅଞ୍ଚଳରେ ମିଳୁଥିବା ନଡା, ଭୂଷା ଓ ଖାଇବା ତେଲ ପିଡିଆ ପ୍ରଭୃତିକୁ ଗୋଖାଦ୍ୟ ରୂପେ ବ୍ୟବହାର କରିବା ଉଚିତ୍ ।

## ୫. କୃଷକମାନଙ୍କ ପାଇଁ ସାଧାରଣ ଉପଦେଶାବଳୀ

କ) ମୌସୁମୀ ଆସିବା ପୂର୍ବରୁ ଜଳ ଉପଭୋକ୍ତା ସଂଘ, କେନାଲ ମରାମ ତି ଓ ଉଠା ଜଳ ସେଚନ ପଏଣ୍ଟର ମରାମତି କରାଇ ନେବା ଉଚିତ୍ ।

ଖ) ଚାଷୀ ମାନେ କୃଷି ସମବାୟ ସମିତି ଜରିଆରେ କୃଷି ପାଇଁ ଆବଶ୍ୟକ ବିଭିନ୍ନ ପ୍ରକାର ଉପାଦାନ କ୍ରୟ କରନ୍ତୁ ଓ ଆଗାମୀ ଖରିଫ ଫସଲ ପାଇଁ ସମବାୟ ବ୍ୟାଙ୍କରୁ କୃଷି ଋଣ ନିଅନ୍ତୁ ।